# Akashvani, Sambalpur

## SAMBALPURI NEWS BULLETIN

### 29 October 2025 – 6.47- 6.52 am.

*********************************************

ବାତ୍ୟା ମୋନ୍ଥା ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗରନ ହେଇଥିବା ବାତ୍ୟା ମୋନ୍ଥା ଗଲାକାଏଲ୍ ସଞ୍ଝବେଲର୍ ୭ନୁ ସାଢ଼େ ୭ ବଜେ ଭିତ୍‌ରେ ଆନ୍ଧ୍ରପ୍ରଦେଶ୍‌ର ମଛ୍‌ଲିପଟନମ୍ ପାଖେ ନର୍ସାପୁରଠାନେ ସ୍ଥଲଭାଗ୍‌କେ ପୁହୁଁଚିଥିଲା । ଲାଣ୍ଡଫଲ୍ ପ୍ରକିୟା ୪ ଘଂଟା ଧରି ଚାଲିଥିଲା । ଇ ସମିଆଥି ପବନ୍‌ର ବେଗ ଘଟାକ ୯୦ ନୁ ଶହେ ୧୦ କିଲୋମିଟର ଥିଲା । ରାତି ସାଢ଼େ ୧୧ ନୁ ସାଢ଼େ ୧୨ ବଜେ ଭିତ୍‌ରେ ବାତ୍ୟା ଆନ୍ଧ୍ରପ୍ରଦେଶ୍ ସମୁଦ୍ର ଖଏଁଡ୍‌କେ ପାର୍ କରିଥିଲା । ତାର୍ ଉତ୍‌ରୁ ବାତ୍ୟା ଦୁର୍ବଲ୍ ହେଇଯାଇଛେ । ମାତର୍‌କର ଇତାର୍ ପ୍ରଭାବ୍‌ଥି ମଛଲିପଟ୍‌ନମ୍ ଆଉ ଅମ୍‌ଲାପୁରମ୍‌ଠା ନ ବହୁତ୍‌ଟେ ନୁକ୍‌ସାନ୍ ହେଇଛେ । ଆଏଜ୍ ସଖାଲେ ଓଡ଼ିଶାର୍ ମାଲକାନଗିରି ପାଖେ ଦେଇକରି ଯିବା । ବାତ୍ୟା ମୋନ୍ଥା ଅନୁମାନ୍ ଅନ୍‌ସାରେ ତାର୍ ବାଟ୍ ସାମାଏନ୍ ବଦ୍‌ଲେଇ ଦେଇଛେ । ହେଥିର୍ ଲାଗି ଓଡ଼ିଶାନ ଇତାର ବେଶୀ ପ୍ରଭାବ୍ ନାଇ ପଡ଼େ ବଲି ଭାରତୀୟ ପାଣିପାଗ ବିଭାଗ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଭାଗର ସୂଚ୍ନା ଅନ୍ସାରେ ବାତ୍ୟାର ପ୍ରଭାବ୍ଥି ଆଏଜ୍ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଆଉ ରାୟଗଡ଼ା ଜିଲ୍ଲା ନ ଜୋର୍ ପବନ୍ ବୁହିବାର୍ ସହେତେ ଅତି ଜବର୍ ବର୍ଷା ହେବା । ଆଖର୍ ପାଖର୍ ଜିଲ୍ଲାମାନ୍କେ ଭିଲ୍ ବର୍ଷା ହେଇପାରେ । ସମ୍ବଲପୁର ସହେତେ ପଶ୍ଚିମ ଓଡ଼ିଶାର୍ ବଡ଼ଭାଗି ଜିଲ୍ଲା ନ ବର୍ଷା ହେଇପାରେ । ଆଏବାକାଏଲ୍ ବର୍ଷା କମିପାରେ । ବଲି ପାଣିପାଗ କେନ୍ଦ୍ର ତର୍ଫୁ କୁହାଯାଇଛେ ।

ବାତ୍ୟା ମୁଖ୍ୟମନ୍ତ୍ରୀ ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟାକେ ନେଇକରି ସବୁ ବିଭାଗର ତୟାରି ବାବ୍ଦେ ସମୀକ୍ଷା କରିଛନ୍ । ମୁଖ୍ୟମନ୍ତ୍ରୀ ଗଲାରାତି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର କାର୍ଯ୍ୟାଳୟଠାନେ ହେଇଥିବା ନିୟନ୍ତ୍ରଣ କକ୍ଷକେ ପରିଦର୍ଶନ୍ କରି କରି ଅଧିକାରୀମାନ୍କର ସଙ୍ଗେ ତୟାରିର୍ ସମୀକ୍ଷା କରିଥିଲେ । ବାତ୍ୟାର୍ କେନ୍ସି ଭିଲ୍ ଥିତିର୍ ମୁକାବିଲା ଲାଗି ସରକାରଙ୍କର ସବୁ ବିଭାଗ୍ ସଜାଗ୍ ରହିଛନ୍ ଆଉ ବାତ୍ୟା ଉପ୍ରେ ପୂରା ନଜର୍ ରଖିଛନ୍ । ସରକାର ଶୂନ୍ୟ ମୃତ୍ୟୁକେ ବେଶୀ ଧାନ ଦଉଛନ୍ ବଲି ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ । ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ଙ୍କର ସଙ୍ଗେ ଫୋନ୍ ଜରିଏ ଆଲୋଚନା କରି କରି ରାଜ୍ୟର୍ ଥିତି ବାବ୍ଦେ ଭିଲ୍ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବାର୍ କହିଛନ୍ ।

ଭାରତ ସାମୁଦ୍ରିକ ସପ୍ତାହ       ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁମ୍ବାଇ ନ ଚାଲିଥିବା ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ସମ୍ମିଳନୀର୍ ୩ ନମ୍ବର ଦିନେ ଆଏଜ୍ ଗୁଟେ ଖାସ୍ ପୂର୍ଣ୍ଣାଙ୍ଗ ଅଧିଶେନ୍‌କେ ସମ୍ବୋଧନ୍ କର୍‌ବେ । ସାମୁଦ୍ରିକ୍ ଅମୃତ କାଲ୍ ଲକ୍ଷ୍ୟ ହାସଲ୍ କର୍‌ବାର ଲାଗି ଇ ଅବ୍‌ସରେ ୨ ଲାଖ୍ ୨୦ ହଜାର କୋଟି ଟଙ୍କାର ବହୁତ୍‌ଟେ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ । ଇ ଅନ୍ତର୍ଜାତୀୟ ସମାବେଶ୍‌ଥି ୧୦ ଲାଖ୍ କୋଟି ଟଙ୍କାର ୬ ଶହନୁ ଅଏତ୍‌କା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ସମାବେଶ୍‌ଥି ୮୫ନୁ ଅଏତ୍‌କା ଦେଶର୍ ୩ଶହ ୫୦ନୁ ଅଏତ୍‌କା ବିଶ୍ୱସ୍ତରର୍ ପ୍ରବକ୍ତା ଆଉ ୫ ଶହନୁ ଅଏତ୍‌କା ପ୍ରଦର୍ଶକ୍ ଯୋଗ୍ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ-ସାମୁଦ୍ରିକ ସପ୍ତାହ       I&PR

ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଐତିହ୍ୟ- ଇତିହାସ୍‌ର ଜୀବନ୍ତ ମୁକସାକ୍ଷୀ ଆଉ ଇଟା ସବୁବେଳେ ରାଜ୍ୟବାସୀଙ୍କୁ ଅନୁପ୍ରାଣିତ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ମୁମ୍ବାଇଠାନେ ହେଇଥିବା ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ ସମାବେଶ୍‌ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ଦକ୍ଷିଣ ପୂର୍ବ ଏସିଆ ସଙ୍ଗେ ଓଡ଼ିଶା ବହୁତ୍ ପୁରାତନ୍ ବାଣିଜ୍ୟିକ୍ ସମ୍ପର୍କ ରହିଛେ । ଓଡ଼ିଶାର

ସାଧବମାନେ ଜାଭା, ସୁମାତ୍ରା, ଶ୍ରୀଲଙ୍କା ବାଗିର୍ ଦେଶ୍‌କେ ଜାହାଜଥି ଯାଇକରି ବାଣିଜ୍ୟ କରୁଥିଲେ । ଇତାକେ ସୁର୍‌ତା କର୍‌ବାର୍ ଲାଗି ଫି ବଛର୍ କଟକ ନ ଏସିଆର୍ ସବୁନୁ ବଡ଼ ମୁକ୍ତାକାଶ ବାଣିଜ୍ୟ ମେଳା ବାଲିଯାତ୍ରା ମହୋତ୍ସବ ଆୟୋଜନ୍ କରାଯାଏସି ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

କିଶୋର କିଶୋରୀ ସମାବେଶ୍ I&PR

କିଶୋର ବିଶୋରୀମାନ୍‌କର ଭିତ୍‌ରେ ଥିବା ପ୍ରତିଭାର୍ ବିକାଶ ଲାଗି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଗଲାକାଏଲ୍‌ଠାନୁ ୨ ଦିନିଆ ରାଜ୍ୟସ୍ତରୀୟ କିଶୋର କିଶୋରୀ ସମାବେଶ୍ ଅଦ୍ୱିକା ମୁଲ୍ ହେଉଛେ । ଇଥି ୧୦ ନୁ ୧୯ ବଛର୍ ବୟସର୍ ୨୭ଟା ଜିଲ୍ଲାନୁ ବଛା ହେଇଥିବା ଶହେ ୨୭ ଝନ୍ କିଶୋର କିଶୋରୀ ଭାଗ୍ ନେଇଛନ୍ । କାର୍ଯ୍ୟକ୍ରମ୍‌ର ପହେଲା ଦିନେ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କର ସହେତେ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ଅଦ୍ୱିକାର ଆବଶ୍ୟକତା ବାବ୍‌ଦେ କହିଥିଲେ । ଉଦ୍‌ଯାପନୀ ସମାରୋହଥି ଆଏଜ୍ ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗ୍‌ର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଯୋଗାଣ ବିଭାଗ୍ ଚଢ଼ଉ I&PR

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ବିଭାଗ୍ ତର୍ଫୁ ଭିନ୍ ଭିନ୍ ଜିଲ୍ଲା ନ ଚଢ଼ଉ କରାଯାଇଛେ । ବାତ୍ୟା ସମିଆଥି କଳାବଜାରୀ ରୁକ୍‌ବାର୍ ଆଉ ଯୋଗାଣ ଶୃଙ୍ଖଳ ସ୍ୱାଭାବିକ୍ କର୍‌ବାର୍ ଲାଗି ଯାଂଚ କଡ଼ାକଡ଼ି କରାଯାଇଛେ । ଆଏବା କାଏଲ୍ ତକ୍ ବାତ୍ୟାର୍ ପ୍ରଭାବ୍ ଥିବାର୍‌ନୁ ଥିତିକେ ନଜର୍‌ଥି ରଖିକରି ଯେନ୍ତା କେନ୍‌ସି ବେପାରୀ କଳାବଜାରୀ ନାଇ କର୍‌ବେ ସେଥିର୍ ଲାଗି ଇ ଚଢ଼ଉ କରାଯାଇଛେ । ଇତାର୍ ଉପ୍‌ରେ କଡ଼ା ନଜର୍ ରଖ୍‌ବାର ଲାଗି ଜିଲ୍ଲାପାଳମାନ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛେ । ରାଏଜେ ଭର୍‌ପୁର ଖାଏବାର୍ ଦରବ୍ ମହଜୁଦ୍ ଅଛେ ଆଉ ଲୁକେ ନାଇ ଘବ୍‌ରାବାର୍‌କେ ବିଭାଗ୍ ତର୍ଫୁ ପରାମର୍ଶ ଦିଆଯାଇଛେ ।

ସର୍ଦ୍ଦାର ପଟେଲ ଜୟନ୍ତୀ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଶହେ ୫୦ ନମ୍ବର ଜୟନ୍ତୀ ଅବ୍‌ସରେ ଏକତା ଦୌଡ଼ ଆଉ ଅଲ୍‌ଗା କାର୍ଯ୍ୟକ୍ରମ୍ ବାବ୍‌ଦେ ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଳ ନୃପରାଜ ସାହୁଙ୍କର ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌ର ସଫଳତକେ ନେଇକରି ଆଲୋଚନା କରିଥିଲେ ।

ବିଶ୍ୱ ମିତବ୍ୟୟିତା ଦିବସ  /ଆର୍‌ଏନ୍‌ୟୁ ସମ୍ବଲପୁର

ଆଏଜ୍ ବିଶ୍ୱ ମିତବ୍ୟୟିତା ଦିବସ । ଦର୍‌କାର୍ ଅନ୍‌ସାରେ ଖର୍ଚ୍ଚା କରିକରି ସଂଚୟକେ ଗୁଟେ ଅଭ୍ୟାସ୍ କର୍‌ବାର୍ ଲାଗି ଆଝିର୍ ଦିନେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ଇ ଦିନ୍ ପାଲନ୍ କରାଯାଏସି । ୧୯୪୨ ମସିହା ଆଝିର୍ ଦିନେ ଇଟାଲିର ମିଲାନ୍ ଠାନେ ପହେଲା ଆନ୍ତର୍ଜାତୀୟ ସଂଚୟ ବେଙ୍କ୍ କଂଗ୍ରେସ୍ ନ ବିଶ୍ୱ ସଂଚୟ ଦିବସ୍ ମୁଲ୍ ହେଇଥିଲା ।